ପ୍ରମେୟ
ତାରିଖ: ୧୬.୦୩.୨୦୨୨

# ବିଆଇଆଇଟିଏମ୍‌ରେ ଉଦ୍ୟୋଗୀ ମାର୍ଗଦର୍ଶନ କର୍ମଶାଳା

ଚନ୍ଦ୍ରଶେଖରପୁର,୧୫ ।୩(ଆପ୍ର): ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ବିଆଇଆଇଟିଏମ୍) ରେ ଉଦ୍ୟୋଗୀମାନଙ୍କ ମାର୍ଗଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ 'ଏଆଇସିସି ଭିଆରସିଙ୍ଗ' ଭୁବନେଶ୍ୱରର ସିଇଓ ଭଗବତୀ ପଟ୍ଟନାୟକ ଯୋଗଦେଇଥିଲେ । ବିଆଇଆଇଟିଏମ୍‌ର ସହଭାଗୀତାରେ ଆୟୋଜିତ କର୍ମଶାଳାରେ ଛାତ୍ରଛାତ୍ରୀ ମାନଙ୍କମଧ୍ୟରୁ ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା । ଚିତ୍ତାକର୍ଷକ ପ୍ରଶ୍ନ ଉତ୍ତର ବିନିମୟରେ ଅଧିବେଶନ ଶେଷ ହୋଇଥିଲା । ଏଥିରେ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।